# NATIONAL NEWS BULLETIN (ODIA)

## 08th October' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଯଶୋଭୂମିଠାରେ ଆଜି ଭାରତୀୟ ମୋବାଇଲ୍ କଂଗ୍ରେସର ଦଶମ ସଂସ୍କରଣକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ଜି.ଏସ୍.ଟି. ବ୍ୟବସ୍ଥାରେ ପରବର୍ତ୍ତୀ ପର୍ଯ୍ୟାୟର ସଂସ୍କାର ନେଇ ଆଜି ଅନୁଷ୍ଠିତ ହେବ ଜି.ଏସ୍.ଟି. ପରିଷଦର ୫୭ତମ ବୈଠକ ।

- ରୁଷ୍ ସେନାରେ କାର୍ଯ୍ୟରତ ଭାରତୀୟ ନାଗରିକଙ୍କ ସମ୍ପର୍କରେ ରୁଷ୍ ସରକାରଙ୍କଠାରୁ ତଥ୍ୟ ମାଗିଲେ ଭାରତ ସରକାର ।

- ଅଦମ୍ୟ, ଅପ୍ରତିହତ ଓ ନିଖୁଣ ବାର୍ତ୍ତା ନେଇ ଆଜି ପାଳିତ ହେଉଛି ୯୪ତମ ଭାରତୀୟ ବାୟୁସେନା ଦିବସ ।

ଏବଂ

- ବେଜିଂଠାରେ ଚାଲିଥିବା ଚାଇନା ସ୍ମାଶ୍ ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଭାରତୀୟ ଯୋଡ଼ି ସେମିଫାଇନାଲ୍‌କୁ ଉନ୍ନୀତ ।

# ପି.ଏମ୍. - ଇଣ୍ଡିଆ ମୋବାଇଲ୍ କଂଗ୍ରେସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଯଶୋଭୂମିଠାରେ ଭାରତୀୟ ମୋବାଇଲ୍ କଂଗ୍ରେସର  ଦଶମ ସଂସ୍କରଣର ଉଦଘାଟନ କରିବେ। ଏହି ସମ୍ମିଳନୀରେ ଦୂରସଂଚାର, ଡିଜିଟାଲ୍ ସଂଯୋଗ ଏବଂ ବୈଷୟିକ ନବସୃଜନ କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ଅଗ୍ରଗତି ପ୍ରଦର୍ଶିତ ହେବ। ଏଥିସହ ଏହା ବିଶ୍ୱସ୍ତରୀୟ ସହଯୋଗ, ପୁଞ୍ଜିନିବେଶ ଏବଂ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ପ୍ରମୁଖ ମଞ୍ଚ ଭାବେ କାର୍ଯ୍ୟ କରିବ।

ଚଳିତ ବର୍ଷର ଭାରତୀୟ ମୋବାଇଲ କଂଗ୍ରେସର ବିଷୟବସ୍ତୁ ରହିଛି 'ସ୍କେଲ୍ ୱିଦାଉଟ୍ ବାଉଣ୍ଡରିଜ୍' । ଏହା ଡିଜିଟାଲ୍ ନବସୃଜନ, ନୂଆ ପିଢ଼ିର ସଂଯୋଗ ବ୍ୟବସ୍ଥା ଏବଂ ପ୍ରଯୁକ୍ତିଭିତ୍ତିକ ବିକାଶ କ୍ଷେତ୍ରରେ ଭାରତର ବଢୁଥିବା କ୍ଷମତାକୁ ପ୍ରତିଫଳିତ କରୁଛି।

ଗତକାଲି ଆରମ୍ଭ ହୋଇଥିବା ଏହି ଚାରିଦିନିଆ କାର୍ଯ୍ୟକ୍ରମକୁ ଦୂରସଂଚାର ବିଭାଗ ଏବଂ ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ମିଳିତ ଭାବେ ଆୟୋଜନ କରୁଛନ୍ତି। ଏଥିରେ ନବସୃଜନ, ନୂଆ ପିଢ଼ିର ଡିଜିଟାଲ୍ ଭିତ୍ତିଭୂମି, ପ୍ରଯୁକ୍ତିଭିତ୍ତିକ ଆର୍ଥିକ ବିକାଶ, ସମାବେଶୀ ଡିଜିଟାଲ୍ ସୁବିଧା ଏବଂ ସୁରକ୍ଷିତ ଓ ସୁଦୃଢ଼ ଡିଜିଟାଲ୍ ପରିବେଶର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ।

ଏଥିରେ ୫-ଜି ଓ ୬-ଜି, ନୂଆ ପିଢ଼ିର ଏଆଇ ନେଟୱର୍କ, ସେମିକଣ୍ଡକ୍ଟର, ନନ୍-ଟେରେଷ୍ଟ୍ରିଆଲ୍ ନେଟୱର୍କ, ସାଇବର ସୁରକ୍ଷା, କ୍ୱାଣ୍ଟମ୍ ଯୋଗାଯୋଗ, ଉଦ୍ୟୋଗ ପରିବର୍ତ୍ତନ, ସର୍କୁଲାର ଇକୋନୋମି ଓ ଇଏସଜି ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଭଳି ନଅଟି ପ୍ରମୁଖ କ୍ଷେତ୍ର ସ୍ଥାନ ପାଇଛି।

## ଜି.ଏସ୍.ଟି. କାଉନ୍ସିଲ୍ ମିଟିଂ

ଜିଏସଟି ପରିଷଦର ୫୭ତମ ବୈଠକ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ଜିଏସଟି ସମ୍ବନ୍ଧୀୟ ବିବାଦର ସମାଧାନ ଏବଂ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍‌ର ସହଜ ପ୍ରବାହ ପାଇଁ ନୀତିଗତ ସଂସ୍କାର ଉପରେ ଆଲୋଚନା ହେବ।

ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସାମଗ୍ରୀ ଓ ସେବା କର-ଜିଏସଟି ବ୍ୟବସ୍ଥାରେ ପରବର୍ତ୍ତୀ ପର୍ଯ୍ୟାୟର ସଂସ୍କାର ପାଇଁ ସରକାର ପାଞ୍ଚଟି ପ୍ରମୁଖ କ୍ଷେତ୍ରକୁ ନେଇ ଏକ ଯୋଜନା ପ୍ରସ୍ତାବ ଉପସ୍ଥାପନ କରିବେ। ଜିଏସଟି ବ୍ୟବସ୍ଥାରେ ପ୍ରଶାସନିକ ଜଟିଳତାକୁ ସ୍ୱୟଂଚାଳିତ କରିବା ସହ ସରଳ କରିବା ଏବଂ ବିଶେଷକରି କ୍ଷୁଦ୍ର ବ୍ୟବସାୟୀଙ୍କ ଅନୁପାଳନ ବୋଝ ହ୍ରାସ କରିବା ଏହି ସଂସ୍କାରର ମୁଖ୍ୟ ଉଦ୍ଦେଶ୍ୟ। ପ୍ରସ୍ତାବିତ ପାଞ୍ଚଟି କ୍ଷେତ୍ର

ମଧ୍ୟରେ ରହିଛି- ପ୍ରକ୍ରିୟାଗତ ସଂସ୍କାର, ଗଠନମୂଳକ ସଂସ୍କାର, ବ୍ୟବସାୟ କରିବାର ସହଜତା, ସେବା ରପ୍ତାନି ଏବଂ ଇ-କମର୍ସ।

## ଏମ୍.ଇ.ଏ. - ରୁଷ୍-ଇଣ୍ଡିଆନ୍ସ

ଋଷ ସେନାରେ କାର୍ଯ୍ୟରତ ୬୯ ଜଣ ଭାରତୀୟ ନାଗରିକଙ୍କ ସମ୍ପର୍କରେ ଋଷ କର୍ତ୍ତୃପକ୍ଷଙ୍କଠାରୁ ଭାରତ ସରକାର ତଥ୍ୟ ମାଗିଛନ୍ତି। ୟୁକ୍ରେନ୍‌ରେ ଚାଲିଥିବା ଯୁଦ୍ଧରେ ଋଷ ସେନା ସହ କାର୍ଯ୍ୟରତ ସମସ୍ତ ଭାରତୀୟ ନାଗରିକଙ୍କୁ ମୁକ୍ତ କରିବା ପାଇଁ ନୂଆଦିଲ୍ଲୀ ମସ୍କୋକୁ ନିୟମିତ ଭାବେ ଅନୁରୋଧ କରିଆସୁଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ ଗତକାଲି ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ସରକାରଙ୍କ ଉଦ୍ୟମ ଯୋଗୁଁ ଏପର୍ଯ୍ୟନ୍ତ ୧୩୯ ଜଣ ଭାରତୀୟ ଋଷ ସେନାରୁ ମୁକ୍ତି ପାଇଛନ୍ତି।

ଶ୍ରୀ ଜୟସ୍ୱାଲ୍ କହିଛନ୍ତି, ମୋଟ ୨୫୯ ଜଣ ଭାରତୀୟ ନାଗରିକ ଋଷ ସଶସ୍ତ୍ର ବାହିନୀରେ ନିଯୁକ୍ତ ହୋଇଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୧୩୯ ଜଣଙ୍କୁ ଭାରତର ଉଦ୍ୟମରେ ପୂର୍ବରୁ ମୁକ୍ତି ମିଳିଛି। ଅନ୍ୟ ୬୯ ଜଣ ଭାରତୀୟଙ୍କ ବର୍ତ୍ତମାନର ଅବସ୍ଥିତି ସମ୍ପର୍କରେ ଋଷ କର୍ତ୍ତୃପକ୍ଷଙ୍କଠାରୁ ଭାରତ ତଥ୍ୟ ମାଗିଛି । ଏହି ସମୟରେ ଋଷ ସେନାରେ ଚାକିରି କରିବା ଅତ୍ୟନ୍ତ

ବିପଜ୍ଜନକ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସତର୍କ କରିଛି। ଋଷ ସେନାରେ ଯୋଗଦେବା ପାଇଁ ମିଳୁଥିବା ପ୍ରସ୍ତାବଠାରୁ ଭାରତୀୟ ନାଗରିକମାନେ ଦୂରେଇ ରହିବାକୁ ଶ୍ରୀ ଜୟସ୍ୱାଲ୍ ଅନୁରୋଧ କରିଛନ୍ତି। ଏହି ସଂଘର୍ଷର ଋଷ ସେନା ପାଇଁ କାର୍ଯ୍ୟ କରିବା ସମୟରେ ଏପର୍ଯ୍ୟନ୍ତ ୫୧ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।**ସେବା ସଙ୍କଳ୍ପ – ଆର୍ଟିକିଲ୍ ୩୭୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ' ସମ୍ପର୍କରେ ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ସତୁରି ବର୍ଷ ଧରି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଅସ୍ପୃଶ୍ୟ ବୋଲି ବିବେଚନା କରାଯାଉଥିଲା। ଏହାକୁ ଉଚ୍ଛେଦ କରିବା ପରିଣାମକୁ ନେଇ ଆଶଙ୍କା ଥିବାରୁ ପୂର୍ବରୁ ସରକାରଗୁଡ଼ିକ ଏହି ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରି ନ ଥିଲେ। ୨୦୧୬ରେ କାଶ୍ମୀର ଉପତ୍ୟକାରେ ସର୍ବାଧିକ ୫୧ ଦିନ ଧରି କର୍ଫ୍ୟୁ ଜାରି ରହିଥିଲା ଏବଂ ଗୋଟିଏ ହତ୍ୟା ଘଟଣା ପରେ

ସେଠାରେ ବିଦ୍ୟାଳୟଗୁଡ଼ିକ ୮ ମାସ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ତେଣୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କଲେ ବ୍ୟାପକ ଅଶାନ୍ତି ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଥିଲା।

ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ। ହିଂସାକୁ ନିୟନ୍ତ୍ରଣରେ ରଖିବା ପାଇଁ ମଧ୍ୟ ଦୃଢ଼ ଯୋଜନା ପ୍ରସ୍ତୁତ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଆଦେଶ, ସଂସଦୀୟ ସଂକଳ୍ପ ଏବଂ ଜମ୍ମୁ-କାଶ୍ମୀର ପୁନର୍ଗଠନ ଆଇନ ଗୋଟିଏ ଦିନରେ ଆଗତ ହୋଇଥିଲା। ଫଳରେ ଘୋଷଣା ଓ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ମଧ୍ୟରେ କୌଣସି ବ୍ୟବଧାନ ରହି ନ ଥିଲା।

ପରେ ୨୦୨୩ ମସିହା ଡିସେମ୍ବର ମାସରେ ସୁପ୍ରିମକୋର୍ଟ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କିତ ସମଗ୍ର ପ୍ରକ୍ରିୟାକୁ ବୈଧ ବୋଲି ରାୟ ଦେଇଥିଲେ । ଅନୁଚ୍ଛେଦ ୩୭୦ ସର୍ବଦା ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା ବୋଲି ସୁପ୍ରିମକୋର୍ଟ କହିଥିଲେ। ୨୦୨୪ରେ ଜମ୍ମୁ-କାଶ୍ମୀର ବିଧାନସଭା ପାଇଁ ଏକ ଦଶନ୍ଧି ପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରି କହିଥିଲେ :

***Voice (PM - A 370)*** :........

# ସେବା ସଂକଳ୍ପ - ବାଇକ୍ ଯାତ୍ରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଗତ ୧୭ ତାରିଖରୁ ଗୁଜରାଟର ବଡନଗରରୁ କାଶୀ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ସେବା ସଂକଳ୍ପ ବାଇକ୍ ଯାତ୍ରା ଗତକାଲି ସଫଳତାର ସହ ଶେଷ ହୋଇଛି। ଏହି ଅବସରରେ କାଶୀରେ ଆୟୋଜିତ ସମାପନୀ ସମାରୋହରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସମାରୋହରେ ବିଜେପି ରାଷ୍ଟ୍ରୀୟ ସଭାପତି ନିତିନ ନବୀନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ଯୋଗୀ ଆଦିତ୍ୟନାଥ କହିଥିଲେ, ଗତ ୧୨ ବର୍ଷ ମଧ୍ୟରେ କାଶୀ ଏବଂ ଗତ ୧୦ ବର୍ଷରେ ଉତ୍ତରପ୍ରଦେଶରେ ଅନେକ ପରିବର୍ତ୍ତନ ଘଟିଛି। କାଶୀ ବିଶ୍ୱନାଥ ଧାମ, ଅଯୋଧ୍ୟାର ରାମ ମନ୍ଦିର, ମା’ ବିନ୍ଧ୍ୟବାସିନୀ କରିଡର, ଭବ୍ୟ କୁମ୍ଭ ଏବଂ ମଥୁରା-ବୃନ୍ଦାବନର ଆଧ୍ୟାତ୍ମିକ ପରିବେଶ ନୂଆ ଭାରତ ଓ ନୂଆ ଉତ୍ତରପ୍ରଦେଶର ପରିଚୟ ହୋଇଛି ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାର୍ବଜନୀନ ଜୀବନର ୨୫ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉତ୍ତରପ୍ରଦେଶବାସୀଙ୍କ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ବଡନଗରରୁ ତାଙ୍କ କର୍ମଭୂମି ବାରାଣସୀକୁ ଆସିଥିବା ଅତିଥିମାନଙ୍କୁ ସେ ସ୍ୱାଗତ କରିଥିଲେ। ସେ କହିଥିଲେ, ବଡନଗରରୁ କାଶୀ ପର୍ଯ୍ୟନ୍ତ ଏହି ଯାତ୍ରା ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ‘ସେବା

ସଂକଳ୍ପ'କୁ ସମ୍ମାନ ଜଣାଇବାର ଏକ ଅବସର। ଏହା 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ମଧ୍ୟ ପ୍ରତିଫଳିତ କରୁଛି। ବାଇକ୍ ଯାତ୍ରୀମାନେ କାଶୀ ବିଶ୍ୱନାଥ ଧାମରୁ ଗଙ୍ଗାଜଳ ନେଇ ୧୦ଟି ରାଜ୍ୟ ଦେଇ କାଶୀରେ ପହଞ୍ଚିଥିଲେ। ସେମାନେ ଗୁଜରାଟର ହାଟକେଶ୍ୱର ମହାଦେବ ଓ ବିଭିନ୍ନ ନଦୀର ପବିତ୍ର ଜଳ ଭଗବାନ ବିଶ୍ୱନାଥଙ୍କୁ ଅର୍ପଣ କରିଥିଲେ।

## ଏୟାର ଫୋର୍ସ ଡେ

ଆଜି ୯୪ତମ ଭାରତୀୟ ବାୟୁସେନା ଦିବସ ପାଳିତ ହେଉଛି। ଚଳିତ ବର୍ଷର ବାୟୁସେନା ଦିବସର ବିଷୟବସ୍ତୁ ରହିଛି- 'ଭାରତୀୟ ବାୟୁସେନା : ଅଦମ୍ୟ, ଅପ୍ରତିହତ ଓ ନିଖୁଣ'। ବାୟୁସେନା ଦିବସର ପୂର୍ବସନ୍ଧ୍ୟାରେ ଆକାଶବାଣୀ ମାଧ୍ୟମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହ କହିଛନ୍ତି, ଦେଶର ସୁରକ୍ଷା ପାଇଁ ଭାରତୀୟ ବାୟୁସେନା ସର୍ବଦା ସଜାଗ ଓ ଦୃଢ଼ ପ୍ରତିବଦ୍ଧତା ସହ ପ୍ରସ୍ତୁତ ରହିଛି। ସେ କହିଛନ୍ତି, ଗତବର୍ଷର ଅପରେସନ ସିନ୍ଦୂର ସମନ୍ୱିତ ବାୟୁ ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଶକ୍ତିକୁ ପୁନଃ ପ୍ରତିପାଦିତ କରିଛି। ଏହା ଦେଶର ସାର୍ବଭୌମତ୍ୱ ରକ୍ଷା କରିବାରେ ବାୟୁସେନାର ସାମର୍ଥ୍ୟ ଓ କ୍ଷମତାକୁ ପ୍ରମାଣିତ କରିଛି।

ଏୟାର ଚିଫ୍ ମାର୍ଶାଲ ଶ୍ରୀ ସିଂହ କହିଛନ୍ତି, ଚଳିତ ବର୍ଷ ଅଭ୍ୟାସ ବାୟୁଶକ୍ତି, ବିଭିନ୍ନ ଦ୍ୱିପାକ୍ଷିକ ସାମରିକ ଅଭ୍ୟାସ, ଡ୍ରୋନାଥନ୍ ଏବଂ ଚାଲିଥିବା ଐତିହାସିକ ବହୁପକ୍ଷୀୟ ବାୟୁସେନା ଅଭ୍ୟାସ ତରଙ୍ଗ ଶକ୍ତି ଭଳି ପ୍ରମୁଖ ପଦକ୍ଷେପ ମାଧ୍ୟମରେ ଭାରତୀୟ ବାୟୁସେନା ନିଜର ଯୁଦ୍ଧ ପ୍ରସ୍ତୁତିକୁ ସକ୍ରିୟ ଭାବେ ପରୀକ୍ଷା କରୁଛି। ଏଥିସହ ନୂତନ ଓ ଉନ୍ନତ ପ୍ରଯୁକ୍ତିକୁ ଦ୍ରୁତଗତିରେ ନିଜର କାର୍ଯ୍ୟକ୍ଷମ ଯୋଜନାରେ ସାମିଲ କରାଯାଉଛି। ବାୟୁସେନା ମୁଖ୍ୟ କହିଛନ୍ତି, ଯୁଦ୍ଧ ପ୍ରସ୍ତୁତି ସହିତ ସଙ୍କଟ ସମୟରେ ଦେଶ ଓ ମାନବଜାତିର ସେବା ପାଇଁ ଭାରତୀୟ ବାୟୁସେନା ସର୍ବଦା ପ୍ରସ୍ତୁତ ରହିଛି ।

***Voice (Air Marshal)*** :……

## ଟେବୁଲ୍ ଟେନିସ୍ - ଚାଇନା ସ୍ମାଶ୍

ବେଜିଂଠାରେ ଚାଲିଥିବା ଚାଇନା ସ୍ମାଶ୍ ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଭାରତୀୟ ଯୋଡ଼ି ମାନୁଷ ଶାହା ଓ ଦିୟା ଚିତାଲେ ପ୍ରଥମ ଭାରତୀୟ ଯୋଡ଼ି ଭାବେ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ଏହି ଯୋଡ଼ି ରୋମାନ୍ ଯୋଡ଼ିଙ୍କୁ ୩-୦ ସେଟ୍‌ରେ ପରାସ୍ତ କରିଛନ୍ତି । ପଞ୍ଚମ ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲ୍‌ରେ ୧୧-୯, ୧୩-୧୧ ଓ ୧୧-୩ ସେଟ୍‌ରେ ବିଜୟ ହସାଲ କରି ଶେଷ ୪ରେ ସ୍ଥାନ ସୁନିଶ୍ଚିତ

କରିଛନ୍ତି । ଏହି ପ୍ରତିଯୋଗିତାର ଏକ ପର୍ଯ୍ୟାୟରେ ଭାରତର ମାନବ ଠକ୍କର' ଫ୍ରାନ୍ସର ଆଲେକ୍ସିସ୍ ଲେବ୍ରୁନ୍ଙ୍କଠାରୁ ୦-୩ରେ ପରାସ୍ତ ହୋଇଛନ୍ତି । ମହିଳା ଡବଲ୍ସରେ ଦିୟା ଚିତାଲେ ଓ ଯଶସ୍ୱିନୀ ଘୋରପଡ଼େ' ଚୀନ୍ର ଖେଳାଳୀଙ୍କଠାରୁ ୨-୩ରେ ପରାସ୍ତ ହୋଇଛନ୍ତି ।

*****